ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ବିଭାଗ ।

....

## କାର୍ଯ୍ୟାଳୟ ସ୍ମାରକ

ଭୁବନେଶ୍ୱର ତାରିଖ ୨୮ ଡିସେମ୍ବର ।୯୭୪.

ବିଷୟ: ରାଜସ୍ୱ କମିଶନର, ଉପ ପୋଲିସ୍ ମହାନିରୀକ୍ଷକ, ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକମାନେ ସେମାନଙ୍କର ଇଲାକା ବାହାରେ ଗସ୍ତ ସମ୍ପର୍କୀୟ ଉପଦେଶାବଳୀ ।

ନଂ. 45772 /ସା.ପ୍ର.ବି., ନିର୍ଦ୍ଦେଶକ୍ରମେ ନିମ୍ନ ସ୍ୱାକ୍ଷରକାରୀ ଜଣାଉଛନ୍ତି ଯେ, ରାଜସ୍ୱ କମିଶନର, ଉପ ଆରକ୍ଷୀ ମହାନିରୀକ୍ଷକ, ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକମାନେ ସେମାନଙ୍କର ଡିଭିଜନ୍ ଓ ଜିଲ୍ଲା ଇଲାକା ବାହାରେ ବାରମ୍ବାର ଗସ୍ତ କରିବା ବିଷୟଟି ସରକାରଙ୍କର ଦୃଷ୍ଟିକୁ ଆସିଛି । ବିଭିନ୍ନ ବିଭାଗ ମଧ୍ୟ ସେମାନଙ୍କୁ ବ୍ୟକ୍ତିଗତ ବା ସମଷ୍ଟିଗତ ଭାବରେ ରାଜ୍ୟ ସଦରମହକୁମାରେ ବିଭିନ୍ନ ସଭାରେ ଯୋଗଦେବା ପାଇଁ ଡାକିବାରେ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା ନଥିବା ଦୃଷ୍ଟିଗୋଚର ହେଉଛି । କେତେକ କ୍ଷେତ୍ରରେ ଉପର୍ଯ୍ୟୁକ୍ତ ଅଧିକାରୀମାନେ ରାଜ୍ୟ ସଦର ମହକୁମାକୁ ବିଭିନ୍ନ କର୍ତ୍ତୃପକ୍ଷଙ୍କ ସହ ଆଲୋଚନ ପାଇଁ ସ୍ୱେଚ୍ଛାରେ ମଧ୍ୟ ବାରମ୍ବାର ଆସୁଛନ୍ତି । ସେମାନେ ଡିଭିଜନ୍ ଓ ଜିଲ୍ଲା ଇଲାକା ବାହାରକୁ ଏଭଳି ବାର... ଗସ୍ତ କରୁଥିବାରୁ ତାଙ୍କ ଡିଭିଜନ୍ ଓ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟ ଗୁଡିକରେ ବାଧା ସୃଷ୍ଟି ହେଉଥିବାର ଉପଲବ୍ଧି କରାଯାଉଛି ।

ଏଭଳି ଅସୁବିଧାକୁ ଦୃଷ୍ଟିରେ ରଖି ଉପରୋକ୍ତ ଅଧିକାରୀମାନଙ୍କୁ ଉପଦେଶ ଦିଆଯାଉଛି ଯେ, ସେମାନେ ଭବିଷ୍ୟତରେ ସେମାନଙ୍କ ଡିଭିଜନ୍ ଓ ଜିଲ୍ଲା ଇଲାକା ବାହାରେ ସାଧାରଣତଃ ମାସକୁ ଥରେ ମାତ୍ର ଗସ୍ତ କରିପାରିବେ ଏବଂ ସେଭଳି ଗସ୍ତ କୌଣସି କ୍ଷେତ୍ରରେ ଗୋଟିଏ ମାସରେ ୩ ଦିନରୁ ଅଧିକ ହେବ ନାହିଁ । ସେମାନଙ୍କୁ ଇଲାକା ବାହାରେ ଏହି ପ୍ରଥମଥର ଗସ୍ତ କରିବା ପୂର୍ବରୁ ସେମାନଙ୍କୁ ତାଙ୍କର ଉପରିସ୍ଥ ନିୟନ୍ତ୍ରଣ ଅଧିକାରୀଙ୍କର ଅନୁମତି ନେବାକୁ ହେବ । ମାତ୍ର ସେମାନେ ତାଙ୍କ ଡିଭିଜନ୍ ଓ ଜିଲ୍ଲା ଇଲାକା ବାହାରେ ଗୋଟିଏ ମାସରେ ଯଦି ଦ୍ୱିତୀୟ ବା ତତୋଧିକ ଥର ପାଇଁ କୌଣସି ଅତ୍ୟାବଶ୍ୟକ କାର୍ଯ୍ୟ ଦୃଷ୍ଟିରୁ ଗସ୍ତ କରିବାକୁ ଚାହାନ୍ତି ତେବେ ସମ୍ପୃକ୍ତ ପ୍ରଶାସନିକ ବିଭାଗ ଜରିଆରେ ଗସ୍ତ ଆରମ୍ଭ କରିବା ପୂର୍ବରୁ ମୁଖ୍ୟ ଶାସନ ସଚିବଙ୍କର ଅନୁମୋଦନ ନେବେ ।

ସେହିପରି ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ / ରାଜସ୍ୱ ପର୍ଷଦର ସଭ୍ୟ ବା ଆରକ୍ଷୀ ମହାନିର୍ଦ୍ଦେଶକ /ଶାସନ ସଚିବମାନେ କୌଣସି ରାଜସ୍ୱ କମିଶନର /ଉପ ଆରକ୍ଷୀ ମହାନିରୀକ୍ଷକ/ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ରାଜ୍ୟ ସଦର ମହକୁମାକୁ ବା କଟକକୁ ସେମାନଙ୍କ ବିଭାଗର କାର୍ଯ୍ୟ ସଂକ୍ରାନ୍ତରେ କୌଣସି-ସଭା ଏବଂ ସମିତିକୁ ଡାକିବା ପୂର୍ବରୁ ମୁଖ୍ୟ ଶାସନ ସଚିବଙ୍କର ପୂର୍ବ ଅନୁମୋଦନ ନେବେ । ଉପରୋକ୍ତ ଅଧିକାରୀମାନଙ୍କୁ କୌଣସି ବିଭାଗ ସେମାନଙ୍କର ବିଭାଗୀୟ କାର୍ଯ୍ୟ ଦୃଷ୍ଟିରୁ ରାଜ୍ୟ ବାହାରକୁ

ଅ.ପୃ.ଦେ.

ଗସ୍ତରେ ପଠାଇବାକୁ ଚାହିଁଲେ ମଧ୍ୟ ମୁଖ୍ୟ ଶାସନ ସଚିବଙ୍କର ପୂର୍ବ ଅନୁମତି ନେବାକୁ ହେବ ।

ରାଜସ୍ୱ ଡିଭିଜନାଲ କମିଶନର, ଉପ ଆରକ୍ଷୀ ମହାନିରୀକ୍ଷକ, ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ, ସ୍ୱରାଷ୍ଟ୍ର ଏବଂ ରାଜସ୍ୱ ଓ ଅବକାରୀ ଅଧିନରେ ଥିବା ବିଭାଗୀୟ ମୁଖ୍ୟ ମାନେ ସରକାରୀ କାର୍ଯ୍ୟ ସମ୍ପାଦନ ପାଇଁ ରାଜ୍ୟ ବାହାରକୁ ଯଦି ଗସ୍ତ କରିବାକୁ ଆବଶ୍ୟକ ମନେକରନ୍ତି, ତେବେ ସେମାନଙ୍କର ପ୍ରଶାସନିକ ବିଭାଗ ଜରିଆରେ ମୁଖ୍ୟ ଶାସନ ସଚିବଙ୍କ ପୂର୍ବ ଅନୁମୋଦନ ଆହରଣ କରିବେ ।

ଉପରୋକ୍ତ ଅଧିକାରୀମାନେ ଡିଭିଜନ୍ ଓ ଜିଲ୍ଲା ବାହାରେ ଗସ୍ତ କରିବା ପୂର୍ବରୁ କ୍ଷମତାସମ୍ପନ୍ନ ଅଧିକାରୀମାନଙ୍କର ଅନୁମୋଦନ ନ ନେଇ ଯଦି ଗସ୍ତ କରନ୍ତି ତେବେ ସେହି ଗସ୍ତ ସମୟକୁ ଅନଧିକୃତ ଅନୁପସ୍ଥିତି ବୋଲି ବିବେଚନା କରାଯିବ ଏବଂ ଏଭଳି କାର୍ଯ୍ୟ ପାଇଁ ଆବଶ୍ୟକୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ

( ପ୍ରିୟବ୍ରତ ପଟ୍ଟନାୟକ )
ସ୍ୱତନ୍ତ୍ର ଶାସନ ସଚିବ ।

ଜ୍ଞାପକ ସଂଖ୍ୟା 43772 /ସା.ପ୍ର.ବି. ତାରିଖ 29 ଡିସେମ୍ବର ୧୯୭୪.

ଏହି ସ୍ମାରକର ଏକ କିତା ନକଲ ସଭ୍ୟ ରାଜସ୍ୱ ପର୍ଷଦ / ପୋଲିସ ମହା ନିର୍ଦ୍ଦେଶକ / ପୋଲିସ୍ ମହାନିରୀକ୍ଷକ / ସମସ୍ତ ରାଜସ୍ୱ କମିଶନର / ସମସ୍ତ ଉପ ପୋଲିସ ମହା ନିରୀକ୍ଷକ / ସମସ୍ତ ଜିଲ୍ଲାପାଳ/ ସମସ୍ତ ଆରକ୍ଷୀ ଅଧୀକ୍ଷକ ମାନଙ୍କର ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସ୍ୱତନ୍ତ୍ର ଶାସନ ସଚିବ ।

ଜ୍ଞାପକ ସଂଖ୍ୟା 43774 /ସା.ପ୍ର.ବି. ତାରିଖ 29 ଡିସେମ୍ବର ୧୯୭୪.

ଏହି ସ୍ମାରକର ଏକ କିତା ନକଲ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ / କମିଶନର ତଥା ଶାସନ ସଚିବ / ସମସ୍ତ ସ୍ୱତନ୍ତ୍ର ଶାସନ ସଚିବମାନଙ୍କର ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସ୍ୱତନ୍ତ୍ର ଶାସନ ସଚିବ ।

ଜ୍ଞାପକ ସଂଖ୍ୟା 43775 /ସା.ପ୍ର.ବି. ତାରିଖ 29 ଡିସେମ୍ବର ୧୯୭୪.

ଏହି ସ୍ମାରକର ଏକ କିତା ନକଲ ସ୍ୱରାଷ୍ଟ୍ର ଓ ରାଜସ୍ୱ ଅବକାରୀ ବିଭାଗ ଅଧିନରେଥିବା ସମସ୍ତ ବିଭାଗୀୟ ମୁଖ୍ୟମାନଙ୍କର ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସ୍ୱତନ୍ତ୍ର ଶାସନ ସଚିବ

କାଗି. ଜ୍ଞାପକ ସଂଖ୍ୟା 4 3 7 7 6 /ସା.ପ୍ର., ତାରିଖ 29.12.74

ଏହାର ଏକ କିତା ନକଲ ସାଧାରଣ ପ୍ରଶାସନ ବିଭାଗର ସେବା ଉପ ବିଭାଗ-1/ ସେବା ଉପବିଭାଗ-11 କୁ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଶାସନ ସଚିବ ।